# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**08th May - 2026**

*******************************************

***Desk***

## ସିଟି ଗ୍ୟାସ୍ ନିର୍ଦ୍ଦେଶାବଳୀ

ରାଜ୍ୟର ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାର ଓଡ଼ିଶା ସିଟି ଗ୍ୟାସ୍ ବଣ୍ଟନ ନୀତି-୨୦୨୬ ସମ୍ପର୍କିତ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ପ୍ରାକୃତିକ ଗ୍ୟାସ୍ ଭିତ୍ତିଭୂମି ବିକାଶ ପାଇଁ ୫ଟି ପ୍ରମୁଖ ସଂସ୍ଥାଦ୍ୱାରା ୫ ହଜାର ୧୦୦ କୋଟି ଟଙ୍କାର ନିବେଶ ସମ୍ଭବନା ରହିଛି । ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନୋଡାଲ ସଂସ୍ଥା ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଏବଂ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅନୁଧ୍ୟାନ କମିଟି ଗଠନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

***Desk***

## ଗ୍ରାମ ସଡ଼କ ଯୋଜନା

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଉପରେ ଦୁଇଦିନିଆ ଆଞ୍ଚଳିକ ସମୀକ୍ଷା ବୈଠକ ଗତକାଲିଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି । ଗ୍ରାମୀଣ

ବିକାଶ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ବୈଠକରେ ଗ୍ରାମାଞ୍ଚଳ ସଡ଼କ ଯୋଗାଯୋଗ ବିକାଶର ସମୀକ୍ଷା, ସୃଷ୍ଟ ଆହ୍ୱାନଗୁଡ଼ିକର ଚିହ୍ନଟ ଏବଂ ଭବିଷ୍ୟତ ରୂପରେଖ ପ୍ରସ୍ତୁତ ନେଇ ଆଲୋଚନା ହେଉଛି । ବୈଠକରେ ଓଡ଼ିଶା ସମେତ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ୍, ତ୍ରିପୁରା ଓ ପଶ୍ଚିମବଙ୍ଗର ବିଭାଗୀୟ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି ।

***Puri/R***

# ପୁରୀ – ଐତିହ୍ୟ ସ୍ଥଳୀ

ପୁରୀ ଜିଲ୍ଲାସ୍ଥିତ କଳା, ସଂସ୍କୃତି ଏବଂ ଐତିହ୍ୟ ପୀଠଗୁଡ଼ିକର ସୁରକ୍ଷା ତଥା ପ୍ରଚାର ଓ ପ୍ରସାର ନେଇ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । ଦେଶବ୍ୟାପୀ ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ଇଣ୍ଟାକ୍ ସଂସ୍ଥାର ପୁରୀ ଚାପ୍ଟର୍‌ର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତକାଲି ଶୁଭାରମ୍ଭ କରିଛନ୍ତି । କୋଣାର୍କ ମନ୍ଦିରରୁ ସମସ୍ତ ବାଲି କଢ଼ାଯାଇ ସଂରକ୍ଷିତ ରଖାଯିବା ସହ ମନ୍ଦିରର ସୁରକ୍ଷା ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ପ୍ରୟାସ ଉପରେ ଉପମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି । ରାଜ୍ୟର ସମସ୍ତ ଐତିହ୍ୟ ସ୍ଥଳୀର ସୁରକ୍ଷା ଦିଗରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Bhadrak/R***

# କ୍ରୀଡ଼ା ପରିସର

ଭଦ୍ରକ ଜିଲ୍ଲା ଧାନମନଗର ବ୍ଲକ୍‌ରେ ଏକ ଅତ୍ୟାଧୁନିକ ବୃହତ୍ କ୍ରୀଡ଼ା ପରିସର ପ୍ରକଳ୍ପ ନିର୍ମାଣପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ କହିଛନ୍ତି । ବ୍ଲକ୍‌ର ଜଇନଗର ଗ୍ରାମରେ ୩୭ ଏକର ଜମିରେ ଏହି କ୍ରୀଡ଼ା ପରିସର ନିର୍ମିତ ହେବ । ଏଥିପାଇଁ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଶ୍ରୀ ସୂରଯ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ରଥଯାତ୍ରା - ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ନୀତିନିର୍ଘଣ୍ଟ ସମେତ ରଥ ନିର୍ମାଣ, ପରିମଳ, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯିବ। ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ଏବଂ ସୁରକ୍ଷା ବ୍ୟବସ୍ଥା ତଥା ଅନ୍ୟାନ୍ୟ ପଦକ୍ଷେପ ଉପରେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ ।

***Kendrapara/R***

# ବ୍ରହ୍ମ ତାଳଧ୍ୱଜ ରଥ

ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟ ରଥଖଳାଠାରେ ଜାରି ରହିଛି। ରଥର ମୋଟ୍ ୧୪ଟି ଚକ ମଧ୍ୟରୁ ୮ଟି ଚକର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ନୂଆ କାଠରେ ସମ୍ପୂର୍ଣ୍ଣ ରଥ ନିର୍ମାଣ କରାଯାଉଛି । ଏଥିପାଇଁ ଅଢ଼େଇ ମାସ ସମୟସୀମା ଲକ୍ଷ୍ୟଧାର୍ଯ୍ୟ ହୋଇଛି। ରଥ ନିର୍ମାଣପାଇଁ ରାଜ୍ୟର ବିଭିନ୍ନ ବନାଞ୍ଚଳରୁ ଶାଳକାଠ ସଂଗୃହିତ ହୋଇଥିବାବେଳେ ଅବଶିଷ୍ଟ କାଠ କାମାକ୍ଷାନଗର ଜଙ୍ଗଲରୁ ଆସିବା ନେଇ ପ୍ରସ୍ତୁତି ଚାଲିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Sonepur/R***

# ସଚେତନତା ଶିବିର

ଭିନ୍ନକ୍ଷମ ଅଧିକାର ଆଇନ-୨୦୨୬ ସମ୍ପର୍କିତ ଏକ ସଚେତନତା ଶିବିର ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭିନ୍ନକ୍ଷମ ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି ।

*Nabarangpur/R*

# ରନ୍ଧନ ଗ୍ୟାସ୍ ମହଜୁଦ

ନବରଙ୍ଗପୁର ଜିଲ୍ଲାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ୍ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଥିବା ଜିଲ୍ଲା ଯୋଗାଣ ବିଭାଗ ସ୍ପଷ୍ଟ କରିଛି । ଉପଭୋକ୍ତାମାନେ ଏଥିପାଇଁ ଅଯଥା ଆତଙ୍କିତ ନ ହେବା ଏବଂ ଅପପ୍ରଚାରରେ ବିଶ୍ୱାସ ନ କରବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏଲ୍.ପି.ଜି. କଳାବଜାରୀକୁ ରୋକିବାପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ବିଭାଗ କହିଛି ।

*Desk*

# ରେଡ୍କ୍ରସ-ଥାଲାସେମିଆ ଦିବସ

ରେଡ୍କ୍ରସ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ସ୍ୱୀକୃତି ଦେବା ଏବଂ ରେଡ୍କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାର୍ଣ୍ଟଙ୍କ ସମ୍ମାନାର୍ଥେ ଆଜି ବିଶ୍ୱ ରେଡ୍କ୍ରସ୍ ଦିବସ ପାଳନ କରାଯାଉଛି। ୧୯୪୮ ମସିହାରୁ ପ୍ରତିବର୍ଷ ମଇ ମାସ ୮ ତାରିଖରେ ଭାରତରେ ଏହି ଦିବସ ପାଳିତ ହୋଇଆସୁଛି । ୧୯୨୦ ମସିହାରେ ଭାରତୀୟ ରେଡ୍କ୍ରସ ସୋସାଇଟି ପ୍ରତିଷ୍ଠା କରାଯାଇଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ମାନବିକତାପାଇଁ ଏକତା" ।

"ଦୂରେଇ ନ ରହି ରୋଗୀଙ୍କୁ ଚିହ୍ନଟ ଓ ସମର୍ଥନ ଦେବା" ବାର୍ତ୍ତା ନେଇ ଆଜି ମଧ୍ୟ ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଉଛି । ଏହା ଏକ ରକ୍ତ ବିକାର ସମସ୍ୟା । ଏହି ରୋଗର କାରଣ ଓ ଚିକିତ୍ସା ସଂପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

***Desk***

# ସି.ବି.ଏସ୍.ଇ. ବୋର୍ଡ଼ ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ - ସି.ବି.ଏସ୍.ଇ.ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଦ୍ୱିତୀୟ ବୋର୍ଡ଼ ପରୀକ୍ଷା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ । ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପୂର୍ବାହ୍ଣ ସାଢ଼େ ୧୦ଟାରୁ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ ବୋଲି ସି.ବି.ଏସ୍.ଇ. ସୂଚନା ଦେଇଛି ।

***Desk***

# ପାଣିପାଗ

ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ଛତିଶଗଡ଼ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀଜନିତ ବିଜୁଳି ଘଡଘଡ଼ି ସହ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ରାଜ୍ୟର ସମସ୍ତ

ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*****